# NATIONAL NEWS BULLETIN (ODIA)

## 21 August 2026

### Morning Bulletin : 7.15 A.M.

*******************************

## ମୁଖ୍ୟ ସମ୍ବାଦ

- ନୀତି ନିର୍ଦ୍ଧାରଣରେ ନୂତନ ଦୃଷ୍ଟିକୋଣ ଆଣିବା ପାଇଁ ସଚିବମାନଙ୍କୁ ପ୍ରଧାନମନ୍ତ୍ରୀଙ୍କ ପରାମର୍ଶ ।
- ବିଶ୍ୱସ୍ତରୀୟ ସହଭାଗିତାକୁ ସୁଦୃଢ଼ କରିବା ଉପରେ ଭାରତ ଓ ଜାପାନର ଗୁରୁତ୍ୱାରୋପ ।
- ଲଦାଖରେ ଜାମ୍ମୁ-କାଶ୍ମୀର ହାଇକୋର୍ଟର ଏକ ବେଞ୍ଚ ପ୍ରତିଷ୍ଠା କରିବାକୁ କେନ୍ଦ୍ର କ୍ୟାବିନେଟ୍‌ର ଅନୁମୋଦନ ।
- ନାଇଜେରିଆରେ ଡଙ୍ଗାବୁଡ଼ି ୪୭ଜଣଙ୍କ ମୃତ୍ୟୁ ।

ଏବଂ

- ବିଶ୍ୱ ବ୍ୟାଡମିଣ୍ଟନ ଚାମ୍ପିୟନସିପ୍‌ର ଡବଲ୍ସ କ୍ୱାର୍ଟର ଫାଇନାଲରେ ଆଜି ଅବତୀର୍ଣ୍ଣ ହେବେ ଭାରତୀୟ ଖେଳାଳି ।

# ପିଏମ୍-ସେକ୍ରେଟାରୀ ମିଟିଂ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କ ବାସଭବନରେ ବିଭିନ୍ନ ବିଭାଗର ସଚିବମାନଙ୍କ ସହିତ ତୃତୀୟ ଉଚ୍ଚସ୍ତରୀୟ ବୈଠକର ଅଧ୍ୟକ୍ଷତା କରିଛନ୍ତି । ବୈଠକରେ ଭିତ୍ତିଭୂମି ଏବଂ ସଂଯୋଗୀକରଣ, ସୁରକ୍ଷା, ବୈଦେଶିକ ବ୍ୟାପାର ଏବଂ ଶାସନ ସହିତ ଜଡିତ ମନ୍ତ୍ରଣାଳୟ ଏବଂ ବିଭାଗର ଭବିଷ୍ୟତ କାର୍ଯ୍ୟ ଯୋଜନା ଉପରେ ଆଲୋଚନା ହୋଇଛି । ଦେଶର ଭବିଷ୍ୟତ କିପରି ଗଠନ କରାଯିବା ଉଚିତ ସେ ବିଷୟରେ ଦୀର୍ଘକାଳୀନ ଦୃଷ୍ଟିକୋଣ ସହିତ ଚିନ୍ତା କରିବାକୁ ସେ ସଚିବମାନଙ୍କୁ ଅନୁରୋଧ କରିଛନ୍ତି। ଶ୍ରୀ ମୋଦୀ କହିଛନ୍ତି, ତଥ୍ୟ ହେଉଛି ଏକ ଜାତୀୟ ସମ୍ପତ୍ତି ଏବଂ ଭବିଷ୍ୟତ ପାଇଁ ଏକ ସମ୍ବଳ। ପ୍ରଧାନମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି ଯେ ନୀତି ନିର୍ଦ୍ଧାରଣରେ ନୂତନ ଦୃଷ୍ଟିକୋଣ ଆଣିବା ପାଇଁ ସରକାରୀ ବିଭାଗ, ବିଶ୍ୱବିଦ୍ୟାଳୟ ଏବଂ ଯୁବକମାନଙ୍କ ମଧ୍ୟରେ ଅଧିକରୁ ଅଧିକ ସହଯୋଗର ଆବଶ୍ୟକତା ରହିଛି । ସେ ଦେଶର ପ୍ରତିରକ୍ଷା ଶିଳ୍ପକୁ ଆହୁରି ମଜବୁତ କରିବା ଏବଂ ବିଶ୍ୱ ସ୍ତରରେ ଏହାକୁ ଅଧିକ ପ୍ରତିଯୋଗିତାମୂଳକ କରିବା ଉପରେ ମଧ୍ୟ ଗୁରୁତ୍ୱାରୋପ କରିଛନ୍ତି। କୋଭିଡ୍-୧୯ ମହାମାରୀ ଏବଂ

ପଶ୍ଚିମ ଏସିଆ ସଙ୍କଟର ଉଦାହରଣ ଦେଇ ଶ୍ରୀ ମୋଦୀ କହିଛନ୍ତି ଏପରି ସମନ୍ୱୟ ବ୍ୟବସ୍ଥା ସରକାରଙ୍କ କାର୍ଯ୍ୟ ସଂସ୍କୃତିର ଏକ ସ୍ୱାଭାବିକ ଅଂଶ ହେବା ଉଚିତ। ପ୍ରଧାନମନ୍ତ୍ରୀ ଜଟିଳ ଆହ୍ୱାନ ଗୁଡ଼ିକର ମୁକାବିଲା କରିବା ଏବଂ ଦୀର୍ଘକାଳୀନ ଦୃଷ୍ଟିକୋଣ ସହିତ ଭାରତର ଭବିଷ୍ୟତକୁ ଗଠନ କରିବା ପାଇଁ ଏକ ସମ୍ପୂର୍ଣ୍ଣ ସରକାରୀ ଆଭିମୁଖ୍ୟ, ଅଧିକ ସମନ୍ୱୟ, ଅଭିନବ ଚିନ୍ତାଧାରା ଏବଂ ସାମୂହିକ ମାଲିକାନାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି ।

## ଜୋଶୀ-ପିଏମ୍ କୁସୁମ

କେନ୍ଦ୍ର ନୂତନ ଏବଂ ନବୀକରଣୀୟ ଶକ୍ତିମନ୍ତ୍ରୀ ପ୍ରହଲ୍ଲାଦ ଜୋଶୀ ମନ୍ତ୍ରଣାଳୟର ଅଧିକାରୀମାନଙ୍କ ସହିତ ଏକ ବୈଠକରେ ଅଧ୍ୟକ୍ଷତା କରି ପିଏମ୍-କୁସୁମର ପରବର୍ତ୍ତୀ ପର୍ଯ୍ୟାୟ ପାଇଁ ଧାର୍ଯ୍ୟଲକ୍ଷ୍ୟ ଉପରେ ଆଲୋଚନା କରିଛନ୍ତି। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଯୋଶୀ କହିଛନ୍ତି ବୈଠକରେ ପିଏମ୍-କୁସୁମ ଯୋଜନାର ପରବର୍ତ୍ତୀ ପର୍ଯ୍ୟାୟରେ କୃଷି କ୍ଷେତ୍ରକୁ ଆହୁରି ପ୍ରୋତ୍ସାହିତ କରିବା ବିଷୟରେ ଆଲୋଚନା

ହୋଇଛି । ସେ କହିଛନ୍ତି, ଦେଶରେ ଏପର୍ଯ୍ୟନ୍ତ ପିଏମ୍-କୁସୁମ ଯୋଜନାରେ ୨୭ ଲକ୍ଷରୁ ଅଧିକ ପମ୍ପକୁ ସୌରଚାଳିତ କରାଯିବା ସହ ୧୫ ଦଶମିକ ୮ ଗିଗାୱାଟ ନବୀକରଣୀୟ ଶକ୍ତି ହାସଲ କରାଯାଇଛି । ଏହାଦ୍ୱାରା ପ୍ରତିବର୍ଷ ପ୍ରାୟ ୮୦୬ ନିୟୁତ ଲିଟର ଡିଜେଲ ସଞ୍ଚୟ କରାଯାଇ ପାରୁଛି । ଶ୍ରୀ ଯୋଶୀ କହିଛନ୍ତି ଦେଶରେ ପଲିସିଲିକନ୍ ଉତ୍ପାଦନ ପାଇଁ ଏକ ଦୃଢ଼, ସମ୍ପୂର୍ଣ୍ଣ ସମନ୍ୱିତ ଘରୋଇ ସୌର ଉତ୍ପାଦନ ଇକୋସିଷ୍ଟମ ନିର୍ମାଣ ପାଇଁ ପଦକ୍ଷେପ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଛି ।

## ପିଏମ୍-ଜାପାନ ଡିଫେନ୍ସ ମିନିଷ୍ଟର

ସରକାରୀ ଗସ୍ତରେ ଭାରତ ଆସିଥିବା ଜାପାନର ପ୍ରତିରକ୍ଷା ମନ୍ତ୍ରୀ ସିଞ୍ଜିରୋ କୋଇଜୁମି ଗତକାଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ସାକ୍ଷାତ୍ ଆଲୋଚନା କରିଛନ୍ତି । ସାକ୍ଷାତ ସମୟରେ, ଶ୍ରୀ ମୋଦୀ ଭାରତ ଏବଂ ଜାପାନ ମଧ୍ୟରେ ସ୍ୱତନ୍ତ୍ର ରଣନୈତିକ ଏବଂ ବିଶ୍ୱସ୍ତରୀୟ ସହଭାଗୀତାକୁ ଆହୁରି ମଜବୁତ କରିବା ପାଇଁ ତାଙ୍କର ଦୃଷ୍ଟିକୋଣ ଉପସ୍ଥାପନ କରିଥିଲେ । ଭାରତ-ପ୍ରଶାନ୍ତ ମହାସାଗର ଏବଂ ଶାନ୍ତି, ସ୍ଥିରତା ଏବଂ ସମୃଦ୍ଧିକୁ ଆଗକୁ ନେବାପାଇଁ ଉଭୟ ଦେଶମଧ୍ୟରେ ପ୍ରତିରକ୍ଷା ଏବଂ ସୁରକ୍ଷା ସହଯୋଗର ଗୁରୁତ୍ୱ ଉପରେ ମଧ୍ୟ ଉଭୟ ନେତା ଜୋର୍

ଦେଇଥିଲେ । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ପ୍ରତିରକ୍ଷା କ୍ଷେତ୍ରରେ ଭାରତୀୟ କମ୍ପାନୀ ଏବଂ ଷ୍ଟାର୍ଟଅପ୍ ସହିତ ସହଭାଗୀ ହେବା ପାଇଁ ଜାପାନ ପାଇଁ ଥିବା ସୁଯୋଗଗୁଡ଼ିକ ବିଷୟରେ ଆଲୋଚନା କରିବା ସହ 'ମେକ୍ ଇନ୍ ଇଣ୍ଡିଆ' ଅଧୀନରେ ମିଳିତଭାବେ ବିକାଶ ଏବଂ ଉତ୍ପାଦନ କ୍ଷେତ୍ରରେ ଅଗ୍ରଗତି ହୋଇପାରିବ ବୋଲି କହିଥିଲେ ।

ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି ଭାରତ ଏବଂ ଜାପାନ ମଧ୍ୟରେ ପ୍ରତିରକ୍ଷା ଏବଂ ସୁରକ୍ଷା ସମ୍ପର୍କକୁ ଆହୁରି ଦୃଢ଼ କରିବା ନେଇ ଉଭୟ ଦେଶ ଏକମତ ହୋଇଛନ୍ତି ।

## ବ୍ରିକ୍ସ-ମିନିଷ୍ଟର ମିଟିଂ

ପୁଣେରେ ଆଜି ଦ୍ୱାଦଶ ବ୍ରିକ୍ସ ଯୋଗାଯୋଗ ମନ୍ତ୍ରୀ ବୈଠକ ଆରମ୍ଭ ହେବ । ଭାରତ ଆୟୋଜନ କରୁଥିବା ଏହି ବୈଠକରେ କେନ୍ଦ୍ର ଯୋଗାଯୋଗ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ଅଧ୍ୟକ୍ଷତା କରିବେ । ସୂଚନା ଏବଂ ଯୋଗାଯୋଗ ପ୍ରଯୁକ୍ତିବିଦ୍ୟା, ଡିଜିଟାଲ ରୂପାନ୍ତରଣ, ନବସୃଜନ ଏବଂ ସ୍ଥିର ଡିଜିଟାଲ ଭିତ୍ତିଭୂମିରେ ସହଯୋଗକୁ ସୁଦୃଢ଼ କରିବା ପାଇଁ ଏହି ବୈଠକରେ ବ୍ରିକ୍ସ ସଦସ୍ୟ ଦେଶଗୁଡ଼ିକ ବିଚାର ବିମର୍ଶ କରିବେ ।

ବୈଠକର ବିଷୟବସ୍ତୁ ହେଉଛି 'ଏକ ସ୍ଥିର ଭବିଷ୍ୟତ ପାଇଁ ନବସୃଜନ, ସହଯୋଗ ଏବଂ ରୂପାନ୍ତରଣ' । ବୈଠକରେ ବ୍ରିକ୍ସ ସଦସ୍ୟ ଦେଶଗୁଡ଼ିକ ଉଦୀୟମାନ ପ୍ରଯୁକ୍ତିବିଦ୍ୟା, ଡିଜିଟାଲ ସାର୍ବଜନୀନ ଭିତ୍ତିଭୂମି, ଭବିଷ୍ୟତର ନେଟୱାର୍କ, ସାଇବର ସୁରକ୍ଷା, କ୍ଷମତା ନିର୍ମାଣ ଏବଂ ଡିଜିଟାଲ ସଂଯୋଗୀକରଣ ଉପରେ ମତ ବିନିମୟ କରିବେ ।

## ଅମିତ ଶାହା-ଲଦାଖ ଏଚ୍‌ସି

କେନ୍ଦ୍ର କ୍ୟାବିନେଟ ଲଦାଖରେ ଜମ୍ମୁ-କାଶ୍ମୀର ହାଇକୋର୍ଟର ଏକ ବେଞ୍ଚ ପ୍ରତିଷ୍ଠାକୁ ଅନୁମୋଦନ କରିଛି। ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏହି ବିଷୟ ପ୍ରକାଶ କରିଛନ୍ତି। ଶ୍ରୀ ଶାହା କହିଛନ୍ତି, ଏହି ନିଷ୍ପତ୍ତି ଲଦାଖର ଦୂରଦୂରାନ୍ତ ଅଞ୍ଚଳରେ ରହୁଥିବା ନାଗରିକଙ୍କ ପାଇଁ ନ୍ୟାୟ ପାଇବାରେ ଯଥେଷ୍ଟ ସହାୟକ ହେବ ଏବଂ ଆଇନଗତ ସେବା ପାଇବା କ୍ଷେତ୍ରରେ ଅଯଥା ସମୟ ଅପଚୟ ହେବ ନାହିଁ । ସେ କହିଛନ୍ତି ସରକାର ଲଦାଖର ସର୍ବାଙ୍ଗିନ ବିକାଶ ଏବଂ ସାମ୍ବିଧାନିକ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ସମ୍ପୂର୍ଣ୍ଣ ପ୍ରତିବଦ୍ଧ।

## ଏନ୍‌ଟିଏ-ଆନ୍ସାର କି

ଜାତୀୟ ପରୀକ୍ଷଣ ସଂସ୍ଥା-ଏନ୍‌ଟିଏ ପକ୍ଷରୁ 'ଆନ୍ସର କି ଚ୍ୟାଲେଞ୍ଜ' ବ୍ୟବସ୍ଥା ଯେଭଳି ସମସ୍ତ ଛାତ୍ରଛାତ୍ରୀଙ୍କ ପାଇଁ ନ୍ୟାୟପୂର୍ଣ୍ଣ ହେବ ତାହାକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରାଯାଇଥିବା କୁହାଯାଇଛି । ଆନ୍ସର କି ଚ୍ୟାଲେଞ୍ଜ ହେଉଛି ଏକ ଅନଲାଇନ୍ ପ୍ରକ୍ରିୟା, ଯେଉଁଠାରେ ପରୀକ୍ଷା ଦେଉଥିବା ପ୍ରାର୍ଥୀମାନେ ଅସ୍ଥାୟୀ ଉତ୍ତର କି'ରେ ଥିବା ତ୍ରୁଟି ନେଇ ଅଭିଯୋଗ କରିପାରିବେ । ସାମାଜିକ ଗଣମାଧ୍ୟମ ପୋଷ୍ଟରେ, ଏନ୍‌ଟିଏ ପକ୍ଷରୁ କୁହାଯାଇଛି ଯଦି ଜଣେ ପ୍ରାର୍ଥୀ ମଧ୍ୟ ଏକ ପ୍ରଶ୍ନକୁ ଚ୍ୟାଲେଞ୍ଜ କରନ୍ତି ଏବଂ ବିଷୟ ବିଶେଷଜ୍ଞ ଚ୍ୟାଲେଞ୍ଜକୁ ଗ୍ରହଣ କରନ୍ତି, ତେବେ ସଂଶୋଧିତ ଉତ୍ତର କୀ ଅନୁଯାୟୀ ପରୀକ୍ଷାରେ ଲେଖିଥିବା ସମସ୍ତ ପ୍ରାର୍ଥୀଙ୍କ ପାଇଁ ପ୍ରଯୁଜ୍ୟ ହେବ ।

## ଯୋଶୀ-ଇୟୁଡି ମିଟିଂ

କେନ୍ଦ୍ର ଶିକ୍ଷାମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀ ଉଚ୍ଚଶିକ୍ଷା ଇକୋସିଷ୍ଟମକୁ ସୁଦୃଢ଼ କରିବା ନେଇ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା

କରିଛନ୍ତି। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଯୋଶୀ କହିଛନ୍ତି, ବୈଠକରେ ଶିକ୍ଷାର ଗୁଣବତ୍ତା ବୃଦ୍ଧି, ସଂସ୍ଥାଗତ ଉତ୍କର୍ଷତାକୁ ପ୍ରୋତ୍ସାହିତ କରିବା ଏବଂ ଦେଶର ଛାତ୍ରଛାତ୍ରୀଙ୍କ ପାଇଁ ସୁଯୋଗ ବିସ୍ତାର କରିବା ପାଇଁ ସ୍ଥିରିକୃତ ପ୍ରମୁଖ ପ୍ରାଥମିକତା ଏବଂ ପଦକ୍ଷେପଗୁଡ଼ିକର ସମୀକ୍ଷା କରାଯାଇଛି ।

## ନାଇଜେରିଆ ବୋଟ୍

ନାଇଜେରିଆରେ ଗତକାଲି ସୋକୋଟୋ ରାଜ୍ୟରେ ନଦୀରେ ଏକ ଡଙ୍ଗା ବୁଡ଼ିଯିବାରୁ ୪୭ ଜଣଙ୍କର ମୃତ୍ୟୁ ଘଟିଛି। ସଂପୃକ୍ତ ଡଙ୍ଗାରେ ୮୦ରୁ ଅଧିକ ଲୋକ ଯାତ୍ରା କରୁଥିବାବେଳେ ଏହି ଦୁର୍ଘଟଣା ଘଟିଛି । ଚଳିତ ବର୍ଷ ଜାନୁଆରୀରେ, ଯୋବେ ରାଜ୍ୟରେ ଏହିଭଳି ଦୁର୍ଘଟଣାରେ ୨୫ ଜଣଙ୍କର ମୃତ୍ୟୁ ହୋଇଥିଲା।

## ରୁଷିଆ-ୟୁକ୍ରେନ ଓ୍ୱାର

ୟୁକ୍ରେନ ଉପରେ ରୁଷ୍‌ର ଆକ୍ରମଣରେ ୧୬ ଜଣ ଲୋକ ପ୍ରାଣ ହରାଇଛନ୍ତି ଏବଂ ଅନେକ ଆହତ ହୋଇଛନ୍ତି। ୟୁକ୍ରେନର ରାଜଧାନୀରେ,

ହୋଇଥିବା ଆକ୍ରମଣରେ ଏକ ହସ୍ପିଟାଲ, ଏକ ସ୍କୁଲ, ଏକ ପ୍ରି-ସ୍କୁଲ୍, ଆବାସିକ କୋଠା ଏବଂ ଅନେକ ଗୋଦାମ କ୍ଷତିଗ୍ରସ୍ତ ହୋଇଛି ।

ୟୁକ୍ରେନ ମଧ୍ୟ ବହୁସଂଖ୍ୟକ ଡ୍ରୋନକୁ ଅଟକାଇବାରେ ସଫଳ ହୋଇଛି । ରାଷ୍ଟ୍ରପତି ଭୋଲୋଡିମିର୍ ଜେଲେନ୍ସ୍କି ପ୍ରତିରକ୍ଷା ପାଇଁ ଅନ୍ୟଦେଶଗୁଡ଼ିକୁ ଅଧିକ ଇଣ୍ଟରସେପ୍ଟର ପଠାଇବାକୁ ଅନୁରୋଧ କରିଛନ୍ତି, କିନ୍ତୁ ଇରାନ ଯୁଦ୍ଧ ଏବଂ ରୁଷ ବିରୁଦ୍ଧରେ କିଭ୍‌ର ଚାରି ବର୍ଷରୁ ଅଧିକ ସମୟ ଧରି ଚାଲିଥିବା ଲଢ଼େଇ ମଧ୍ୟରେ ଅନ୍ୟଦେଶଗୁଡ଼ିକରେ ଇଣ୍ଟରସେପ୍ଟର କମ୍ ଥିବା କୁହାଯାଇଛି ।

# ବିଡବ୍ଲ୍ୟୁଏଫ୍-ଡବ୍ଲ୍ୟୁସି

ନୂଆଦିଲ୍ଲୀରେ ଅନୁଷ୍ଠିତ ହେଉଥିବା ବିଶ୍ୱ ବ୍ୟାଡମିଣ୍ଟନ ଚାମ୍ପିୟନସିପ୍‌ରେ ଆଜି ଭାରତୀୟ କ୍ରୀଡ଼ାବିତ୍‌ମାନେ ପୁରୁଷ ଏବଂ ମହିଳା ଡବଲ୍ସ କ୍ୱାର୍ଟରଫାଇନାଲରେ ପ୍ରଦର୍ଶନ କରିବେ। ସାତ୍ୱିକ ସାଇରାଜ ରାଙ୍କିରେଡ୍ଡି ଏବଂ ଚିରାଗ ଶେଟ୍ଟିଙ୍କ ପୁରୁଷ ଡବଲ୍ସ ଯୋଡ଼ି ତୃତୀୟ ମାନ୍ୟତାପ୍ରାପ୍ତ ଚୀନର ଲିଆଙ୍ଗ ୱେଇ କେଙ୍ଗ ଏବଂ ୱାଙ୍ଗ ଚାଙ୍ଗଙ୍କ ସହ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହେବେ। ଏହି ଯୋଡ଼ି ପ୍ରି-

କ୍ୱାର୍ଟରଫାଇନାଲରେ ମାଲେସିଆର ଜୁନୈଦି ଆରିଫ୍ ଏବଂ ରୟ କିଙ୍ଗ୍ ୟାପ୍‌ଙ୍କୁ ୨୧-୨୩, ୨୧-୧୯, ୨୧-୧୭ରେ ପରାସ୍ତ କରିଥିଲେ।

ମହିଳା ଡବଲ୍ସରେ, ଭାରତୀୟ ଯୋଡ଼ି ତ୍ରିସା ଜଲି ଏବଂ ଗାୟତ୍ରୀ ଗୋପୀଚାନ୍ଦ ଚତୁର୍ଥ ମାନ୍ୟତାପ୍ରାପ୍ତ ଚୀନର ଜିଆ ୟି ଫାନ୍ ଏବଂ ଝାଙ୍ଗ ଶୁ ଜିଆନ୍‌ଙ୍କ ସହ ମୁକାବିଲା କରିବେ। ଏହି ଯୋଡ଼ି ପ୍ରି-କ୍ୱାର୍ଟରଫାଇନାଲରେ ସପ୍ତମ ମାନ୍ୟତାପ୍ରାପ୍ତ ଜାପାନର ରିନ୍ ଇୱାନାଗା ଏବଂ କି ନାକାନିଶିଙ୍କୁ ସିଧାସଳଖ ୨୧-୧୬, ୨୧-୧୨ ରେ ପରାସ୍ତ କରିଥିଲେ।

## ହକି ୱାର୍ଲ୍ଡକପ୍

ହକି ବିଶ୍ୱକପରେ ଭାରତୀୟ ମହିଳା ଦଳ ନେଦରଲ୍ୟାଣ୍ଡର ଆମଷ୍ଟେଲଭିନରେ ଇଂଲଣ୍ଡ ବିପକ୍ଷରେ ମ୍ୟାଚ୍ ଡ୍ର ରଖି ଦ୍ୱିତୀୟ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି । ଆଜି ଭାରତ ଦ୍ୱିତୀୟ ପୁଲ ପର୍ଯ୍ୟାୟର ପ୍ରଥମ ମ୍ୟାଚ୍ ରେ ନେଦରଲ୍ୟାଣ୍ଡସ ସହିତ ମୁକାବିଲା କରିବ।

## ନଡ୍ଡା-ସସ୍‌ପେନସନ

ପୂର୍ବତନ ଅଲମ୍ପିକ୍ସ ଖେଳାଳି ଏବଂ ଏସୀୟ ରୌପ୍ୟ ପଦକ ବିଜେତା ଜାଭେଲିନ୍ ଖେଳାଳି ଶିବପାଲ ସିଂହଙ୍କୁ ନିଷିଦ୍ଧ ପଦାର୍ଥ ମେଥାଣ୍ଡିଏନନ୍ ସେବନ ପାଇଁ ପଜିଟିଭ୍ ଫଳ ଆସିବା ପରେ ଦ୍ୱିତୀୟ ଡୋପିଂ ଅପରାଧ ଅଭିଯୋଗରେ ଜାତୀୟ ଡୋପିଂ ନିରୋଧୀ ସଂସ୍ଥା - ନାଡ୍ଡା ତାଙ୍କୁ ୧୦ ବର୍ଷ ପାଇଁ ନିଲମ୍ବନ କରିଛି। ସେ ଦୋହାରେ ଅନୁଷ୍ଠିତ ୨୦୧୯ ଏସୀୟ ଚାମ୍ପିଅନସିପ୍‌ରେ ୮୬ ଦଶମିକ ୨/୩ ମିଟର ଫିଙ୍ଗି ରୌପ୍ୟ ପଦକ ଜିତିଥିଲେ। ପୂର୍ବରୁ, ୨୦୨୧ ମସିହାରେ ପ୍ରତିଯୋଗିତା ବାହାରେ ଏକ ପରୀକ୍ଷାରେ ଶିବପାଲଙ୍କ ଡୋପ୍ ନମୁନା ଷ୍ଟେରଏଡ୍ ପାଇଁ ପଜିଟିଭ୍ ଆସିଥିଲା। ନାଡା ପକ୍ଷରୁ ତାଙ୍କୁ ପ୍ରଥମେ ୪ ବର୍ଷ ପାଇଁ ନିଲମ୍ବନ କରାଯାଇଥିଲା କିନ୍ତୁ ପରେ ସେହି ଅବଧିକୁ ଏକ ବର୍ଷକୁ ହ୍ରାସ କରାଯାଇଥିଲା ।

ସେହିଭଳି ଏମଭି ଜିଲନାଙ୍କୁ ପ୍ରତିବନ୍ଧିତ ଔଷଧ ବ୍ୟବହାର ଅଭିଯୋଗରେ ଦ୍ୱିତୀୟଥର ପାଇଁ ଅସ୍ଥାୟୀ ଭାବରେ ନିଲମ୍ବନ କରାଯାଇଥିବାବେଳେ ସ୍ୱପ୍ନା ବର୍ମନଙ୍କୁ ଅସ୍ଥାୟୀ ଭାବରେ ନିଲମ୍ବନ କରାଯାଇଛି। ହକି ଖେଳାଳି ମୟଙ୍କ ଶର୍ମାଙ୍କୁ ଚାରି ବର୍ଷ ଓ ଧାବିକା ସଞ୍ଜନା ସିଂହଙ୍କୁ ପାଞ୍ଚ ବର୍ଷ ପାଇଁ ନିଷେଧ କରାଯାଇଛି।